## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ଦଶମନ୍ତପୁର, ୨୭।୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ବିରିଗୁଡ଼ା ଛକ ନିକଟରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ କାଶୀପୁର ବ୍ଲକ ଅନ୍ତର୍ଗତ ବାଙ୍କାମ ପଞ୍ଚାୟତ ଉପର କୋଡ଼ିଙ୍ଗା ଗ୍ରାମର ସଦନ ଖୋଡ଼ିଆଙ୍କ ପୁଅ ସୁଶୀଲ (୨୫)। ସୁଶୀଲ ଓ ତାଙ୍କ ଦାଦା କାର୍ତ୍ତିକ ଦୁହେଁ ବାଇକ୍ ଯୋଗେ ମୁର୍କାର ପଞ୍ଚାୟତର ଆଦିବାସୀ ସାହିକୁ ଯାଇ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିରିଗୁଡ଼ା ଛକ ନିକଟରେ ଥିବା ଏକ ବାଉଁଶବୁଦାରେ ଉଭୟେ ଭାରସାମ୍ୟ ହରାଇ ପିଟିହୋଇ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ କୋରାପୁଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୁଶୀଲଙ୍କର ମୃତ୍ୟୁ ଘଟିଥିଲା। କାର୍ତ୍ତିକ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ମୃତକଙ୍କ ଭାଇ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରି ଛନ୍ତି। ଏହାକୁ ଭିତ୍ତିକରି ତଦନ୍ତ ଜାରି ରହିଥିବା ଏଏସ୍ଆଇ ଏଲ୍.କେ. ପଣ୍ଡା କହିଛନ୍ତି।

### ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍ ପୌର କନିଷ୍ଠ ଯନ୍ତ୍ରୀଙ୍କୁ ୨ ସ୍ୱର୍ଣ୍ଣ ପଦକ

ଜୟପୁର, ୨୭।୧ (ପବନ ପାଣିଗ୍ରାହୀ)



ଓଡ଼ିଶା ସମେତ କୋରାପୁଟ ଜିଲା ଏବଂ ଜୟପୁର ପୌର ପରିଷଦ ପାଇଁ ଗୌରବ ଆଣିଛନ୍ତି ପୌରପାଳିକାର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ। ସେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର. ବିଡିଓ ଶକ୍ତି ମହାପାତ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଜୟପୁର ସହ କୋରାପୁଟ ଜିଲାର ନାମ ରଖିଥିବାରୁ ଜାନିଙ୍କ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଗଣତନ୍ତ୍ରର ମୂଲ୍ୟବୋଧ ସୁରକ୍ଷା ଆମର ଲକ୍ଷ୍ୟ ହେବା ଉଚିତ: ମନ୍ତ୍ରୀ



କାରାପୁଟରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।





ଜୟପୁରରେ ଅତିଥିମାନେ ପତାକା ଉତ୍ତୋଳନ କରୁଛନ୍ତି ।

କୋରାପୁଟ/ଜୟପୁର, ୨୭।୧ (ଅମିତାଭ ବେହେରା/ ପବନ ପାଣିଗ୍ରାହୀ)

ସାଧାରଣତନ୍ତ୍ର ଦିବସ ହେଉଛି ସ୍ୱାଭିମାନ ଜାଗରଣ ଓ କର୍ତ୍ତବ୍ୟ ପରାୟଣତାର ଦିବସ। ମାତୃଭୂମି ଓ ଗଣତନ୍ତ୍ରର ମୂଲ୍ୟବୋଧର ସୁରକ୍ଷା ଆମର ଲକ୍ଷ୍ୟ ହେବା ଉଚିତ ବୋଲି କ୍ରୀଡ଼ା ଓ ଯୁବସେବା ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ମତବ୍ୟକ୍ତ କରିଛନ୍ତି। କୋରାପୁଟସ୍ଥିତ ପୋଲିସ ପରେଡ୍ ପଡ଼ିଆଠାରେ ଆୟୋଜିତ ୭୫ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରମନ୍ତ୍ରୀ ବେହେରା ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ କୋରାପୁଟ ପୋଲିସ ସମେତ ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନ୍‌ସିସି ଓ ସିଭିଲିଆନର ମୋଟ ୨୨ଟି ଦଳ ଅଂଶଗ୍ରହଣ କରି ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରିଥିଲେ। ପରେ ବିଭିନ୍ନ ସରକାରୀ ସଂସ୍ଥା ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଉତ୍ତମ କାର୍ଯ୍ୟ କରିଥିବା ସରକାରୀ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଧାୟକ ରଘୁରାମ ପଡାଲ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା, ଜିଲାପାଳ ଅବଦାଲ ଏମ୍. ଅଖତର,ଏସ୍‌ପି ଅଭିନବ ସୋନକର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଝିନ ହିକକା, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା

**୭୫ ତମ ସାଧାରଣତନ୍ତ୍ର ଦିବସ**

ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ହୋଇଥିଲା। ପରେ ମନ୍ତ୍ରୀ କୋରାପୁଟ ମଣ୍ଡଳ କାରାଗାର, ମେଡିକାଲ, ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ।

ସେହିପରି ଜୟପୁର ଦଶହରା ପଡ଼ିଆ ଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଉପ ଜିଲାପାଳ ପ୍ରଭାତ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନକରି ଅଭିଭାଷଣ ରଖିଥିଲେ। ପରେଡ୍‌ରେ ୪୪ଟି ଗ୍ରୁପ୍ ଅଂଶଗ୍ରହଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ବିଇଓ ଚନ୍ଦନ ନାୟକ, ଏବିଡିଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଜୟପୁର ପୌରପାଳିକାରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି । ଏଠାରେ କାର୍ଯ୍ୟାଳୟର ମୁଖ୍ୟମାନେ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ପୋଲିସ ଇନ୍ସପେକ୍ଟର ଭାବେ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କୁ ପୁରସ୍କୃତ କରାଯାଇଛି। ଜୟପୁର ପରି ଜିଲାର ସୁନାବେଡା, ସେମିଳିଗୁଡା,ନନ୍ଦପୁର, ଦଶମନ୍ତପୁର ସହ ଅନ୍ୟ ସମସ୍ତ ବ୍ଲକରେ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

# ବିଜାପୁର ନିକଟରେ ଦୁର୍ଘଟଣା: ୩ ମୃତ, ୮ ଗୁରୁତର

ବୋରିଗୁମ୍ମା,୨୭।୧(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ୬୩ ନମ୍ବର ଜାତୀୟ ରାଜପଥର ବିଜାପୁର ଛକ ନିକଟରେ ଶୁକ୍ରବାର ଏକ ଅଘଟଣ ଘଟିଛି। ଅଟୋ ଓ ସ୍କର୍ପିଓ ଧକ୍କାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ୮ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଧୁଡୁସାପାଲା ଗ୍ରାମର ପଦ୍ମିନି ଭୂମିଆ, ବନ୍ଧଗୁଡା ଗ୍ରାମର ପଦ୍ମା ଭତ୍ରା ଏବଂ ବତାସନା ଗ୍ରାମର କୃଷ୍ଣ ପଟ୍ଟନାୟକ। ଗୁରୁତରମାନଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଥିଲା। ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି।

ଖବରରୁ ଜଣାପଡ଼ିଛି, ଛତିଶଗଡ଼ ପଟୁ ବୋରିଗୁମ୍ମା ଅଭିମୁଖେ ଏକ ସ୍କର୍ପିଓ ଆସୁଥିବା ବେଳେ ତାକୁ ପ୍ରଥମେ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ସ୍କର୍ପିଓ ଭାରସାମ୍ୟ ହରାଇ ଆଗରେ ଥିବା ଏକ ଅଟୋକୁ ଧକ୍କା ଦେଇ ପରେ ରାସ୍ତାପାର୍ଶ୍ୱରେ ଥିବା ଗାତ ଭିତରକୁ ପଶିଯାଇଥିଲା। ଫଳରେ ଅଟୋରେ ଥିବା ଦୁଇ ମହିଳା ପଦ୍ମିନି ଓ ପଦ୍ମା ଏବଂ ବାଇକ୍ ଆରୋହୀ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ମୃତକଙ୍କ ପରିବାର ଏବଂ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ବିଜାପୁରଠାରେ ରାଜପଥ ଅବରୋଧ କରିବା ଯୋଗୁ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ତହସିଲଦାର ସବ୍ୟସାଚୀ ଜେନା ଏବଂ ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟ ବିଡିକା ମୃତକଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ନିବେଦନ କରିଥିଲେ। ସରକାର ମୃତକଙ୍କ ପରିବାରବର୍ଗଙ୍କୁ ୩ ଲକ୍ଷ ଲେଖାଏ ଟଙ୍କା ସହାୟତା ରାଶି ଦେବାକୁ ଘୋଷଣା କରିବା ସହ ଗୁରୁତରମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ବୋରିଗୁମ୍ମା ମେଡିକାଲରେ ଥିବା ୩ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଯୁଗଳ କିଶୋର ସା କହିଛନ୍ତି।



ଦୁର୍ଘଟଣା ପରେ ପରିବାର ଓ ସମ୍ପର୍କୀୟମାନେ କରିଥିବା ରାସ୍ତା ଅବରୋଧ।

# ‘ମାନକ ଭାଷା ବନାମ ଆଞ୍ଚଳିକ ଭାଷା’ ଶୀର୍ଷକ ଆଲୋଚନାଚକ୍ର

କୋରାପୁଟ,୨୭।୧(ଅମିତାଭ ବେହେରା)



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ।

କୋରାପୁଟ ସରକାରୀ ମହାବିଦ୍ୟାଳୟ ଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନ୍ତର୍ଭୁକ୍ତ ‘ମାନକ ଭାଷା ବନାମ ଆଞ୍ଚଳିକ ଭାଷା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିଦିବସୀୟ ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. ପରମେଶ୍ୱର ମୁଣ୍ଡ, ଡ. ଚନ୍ଦ୍ରଶେଖର ହୋତା, ଡ. ପ୍ରଦୀପ ମିଶ୍ର, ରବି ଶତପଥୀ ଏବଂ ଡ. ପ୍ରୀତିଧାରା ସାମଲ ଯୋଗଦେଇଥିଲେ। ଭାଷା ଅସ୍ମିତା, ବର୍ଣ୍ଣମାଳାଭିତ୍ତିକ ଦ୍ୱନ୍ଦ୍ୱ, ଆଞ୍ଚଳିକ ଭାଷା ସଙ୍କଟ, ସର୍ଜନାତ୍ମକ ସାହିତ୍ୟରେ ମାନକ ଭାଷା ଓ ଆଞ୍ଚଳିକ ଭାଷାର ଭୂମିକା ଉପରେ ଆଲୋଚକମାନେ ଆଲୋକପାତ କରିଥିଲେ। ଆଲୋଚନାରେ ସଭାପତିତ୍ୱ କରି ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ବିଜ୍ଞାନ ତଥା ବୈଷୟିକ ପାଠ୍ୟକ୍ରମରେ ମାତୃଭାଷାର ଭୂମିକା ସମ୍ପର୍କରେ ମତ ରଖିଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ନୋଡାଲ ଅଫିସର ଡ. ଲୋପାମୁଦ୍ରା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା

ଜୟପୁର, ୨୭।୧ (ପବନ ପାଣିଗ୍ରାହୀ)

ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । କୋରାପୁଟ ନିଶାଣିମୁଣ୍ଡା ଅଞ୍ଚଳରେ ରହୁଥିବା ନିତୁ ହରିଜନ ଏପରି ଅଭିଯୋଗ କରିଛନ୍ତି । ନିତୁ ୨୦୧୪ରେ କୁଷ ହରିଜନଙ୍କୁ ବିବାହ କରିଥିଲେ। ସେ ବିବାହ ସମୟରେ ଯୌତୁକ ଆଣିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ୫୦ ହଜାର ଟଙ୍କା ସୁନା ମୁଦି, ବାଇକ୍ ଆଣିବାକୁ ଦାବି କରି ତାଙ୍କୁ କୁଷ ଶାରୀରିକ, ମାନିସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏହାକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ଚାଲିଥିବା ପୋଲିସ ଅଧିକାରୀ ଅନିତା କୁଜୁର କହିଛନ୍ତି।

# ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ନାରାୟଣପାଟଣା,୨୭।୧(ରାଜ କିଶୋର ଜେନା )

ନାରାୟଣପାଟଣା ଥାନା ଅନ୍ତର୍ଗତ ଡେକାପାଡୁ ଗ୍ରାମରେ ଶନିବାର ସ୍ଥାନୀୟ ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରିଞ୍ଚି ନାରାୟଣ ଜଗତ ମୁଖ୍ୟ ଅତିଥି, ଥାନା ଅଧିକାରୀ ସୁଷମା କଅଁର, ସରପଞ୍ଚ ରେବତୀ କୁନ୍ଦାରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଲକାପାଇ, ତଳଡେକାପାଡୁ, ଉପରଡେକାପାଡୁ, ଗାଦବାଗୁଡା ଆଦି ଗ୍ରାମର ୭୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମର ଯୁବକମାନଙ୍କୁ ନେଇ ଏକ ଭଲିବଲ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅଲକାପାଇ ଯୁବଦଳ ବିଜୟୀ ହୋଇଥିଲେ। ପରେ ସାଂସ୍କୃତିକ ନାଚଗୀତ କାର୍ଯ୍ୟକ୍ରମ ହୋଇଥିଲା। କୋରାପୁଟ ପୋଲିସ ସର୍ବଦା ଜନସାଧାରଣ ସୁରକ୍ଷା ପାଇଁ କାମ କରୁଛି। ପୋଲିସକୁ ଭୟ ନ କରିବାକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜଗତ ପରାମର୍ଶ ଦେଇଥିଲେ। ପରେ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ,ଶାଢ଼ୀ, ଲୁଗା,ଗାମୁଛା, ରୋଷେଇ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ବ୍ୟାଗ,ପେନସିଲ ବହି ଖାତା ପ୍ରଦାନ କରାଯାଇଥିଲା ଏସ୍ଆଇ ପ୍ରଫୁଲ ପାତ୍ର,ଏସ୍ଆଇ ଶୁକ୍ରା ମାଡ଼ି, ହୃଦୟରଜନ ପଟ୍ଟନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଉମରକୋଟ, ୨୭।୧(ସନ୍ତୋଷ ଶତପଥୀ)

ଉମରକୋଟ ସହରସ୍ଥିତ ଡିଏନ୍‌କେ ମିନି ଷ୍ଟାଡିୟମରେ ୭୫ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବ୍ଲକ ଅଧ୍ୟକ୍ଷା, ତହସିଲଦାର ମେଘବାନ ବାଘ, ଉମରକୋଟ ବିଡିଓ ପ୍ରିତିରଞ୍ଜନ ରଥ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମଧୁସ୍ମିତା ମିଶ୍ର, ଥାନାଧିକାରୀ ଉମ୍ବରୁଧର ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ବକ୍ତୃତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ତହସିଲଦାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ପୋଖରିରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ପାପଡ଼ାହାଣ୍ଡି,୨୭।୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଥାନା ଅଧୀନ ମାଝିଗୁଡ଼ା ପୋଖରିରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ପଦ୍ମଲତା ବିଷୋୟୀ। ସୂଚନା ମୁତାବକ ସକାଳୁ ପଦ୍ମ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ କୌଣସି କାରଣରି ସେ ବୁଡ଼ି ଯିବା ଦେଖି ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ।

### ତୀର୍ଥଯାତ୍ରା କରୁଥିବା ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ପାପଡ଼ାହାଣ୍ଡି,୨୭।୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ତୀର୍ଥଯାତ୍ରା କରୁଥିବା ୧୯ଜଣ ବରିଷ୍ଠ ନାଗରିକଙ୍କୁ ଶନିବାର ବ୍ଲକ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ନାଗରିକମାନେ ତୀର୍ଥ ଯାତ୍ରା ଯୋଜନାରେ ବନାରସ ଓ ଗୟା ଯିବେ। ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଥାନାଧିକାରୀ ଦୀପକ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ଫୁଲମାଳ ଦେଇ ତାଙ୍କ ଯାତ୍ରା ସଫଳ ପାଇଁ ପ୍ରାର୍ଥନା କରିଥିଲେ। ବସ୍‌ରେ ବରିଷ୍ଠ ନାଗରିକ ପ୍ରଥମେ ରାୟଗଡ଼ା ଯିବେ ସେଠାରୁ ଟ୍ରେନ ଯୋଗେ ବାରାଣସୀ ଓ ଗୟା ଯିବେ।



ତୀର୍ଥଯାତ୍ରା କରିବାକୁ ଯାଉଥିବା ବରିଷ୍ଠ ନାଗରିକଙ୍କ ସହ ଅତିଥି।

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ

**ମୂଳନିବାସୀ ଅନୁସୂଚିତ ଜାତି ସଂଘର ବିଶାଳ ଶୋଭାଯାତ୍ରା**

ରାଇଘର, ୨୭।୧(କିରଣ ପଟ୍ଟନାୟକ)



ଶୋଭାଯାତ୍ରାରେ ସାମିଲ ହୋଇଥିବା ମୂଳନିବାସୀ ଅନୁସୂଚିତ ଜାତି ସଂଘ ସଦସ୍ୟ।

ମୂଳନିବାସୀ ଅନୁସୂଚିତ ଜାତି ସଂଘର ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ନବରଙ୍ଗପୁର ଜିଲା ସମସ୍ତ ବ୍ଲକର ଅନୁସୂଚିତ ଜାତି ସଂଘ ସଦସ୍ୟମାନେ ରାଇଘର ନୂତନ ବସ୍‌ଷ୍ଟାଣ୍ଡରେ ଏକ ସଭା କରିଥିଲେ। ଅନୁସୂଚିତ ଜାତିର ପ୍ରାୟ ୧୫ଟି ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବେଳେ ମୂଳନିବାସୀଙ୍କୁ ସରକାର ସୁବିଧା ସୁଯୋଗ ପ୍ରଦାନ କରୁ ନ ଥିବା ନେଇ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାର ଜଙ୍ଗଲ ଜମି ପଟ୍ଟା, ଆବାସ ଗୃହ ଓ ଭୂମିହୀନଙ୍କୁ ୪ ସେଣ୍ଟ ଜାଗା ଯୋଗାଇ ଦେବାରେ ବିଫଳ ହୋଇଥିବା କହି ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଦାବି ପୂରଣ ନ କଲେ ଭୋଟ ବର୍ଜନ କରିବାକୁ ସଂଘ ସଦସ୍ୟମାନେ କହିଛନ୍ତି। ବଙ୍ଗୀୟ ଶରଣାର୍ଥୀଙ୍କୁ ଅନୁସୂଚିତ ଜାତିରୁ ବାଦ୍, ମୂଳ ଅନୁସୂଚିତ ଜାତିକୁ ଚିହ୍ନଟକରି ଜଙ୍ଗଲ ଜମି ପଟ୍ଟା, ଘରଡିହ ପ୍ରଦାନ, ପ୍ରକୃତ ମୂଳ ନିବାସୀ ଅନୁସୂଚିତ ଜାତି ଜନଗଣନା କରି ଚିହ୍ନଟ, ବଙ୍ଗୀୟ ଶରଣାର୍ଥୀଙ୍କ କଳା ବହି ଉଚ୍ଛେଦ କରିବାକୁ ଦାବି କରାଯାଇଛି। ୨୦୧୬ରୁ ୨୦୨୩ ଅନୁସୂଚିତ ଜାତି ପକ୍ଷରୁ ଜିଲା ପ୍ରଶାସନକୁ ଦାବି ଜଣାଯାଇଛି। ହେଲେ ଏଯାଏ ଗୋଟିଏ ବି ଦାବି ପୂରଣ ହୋଇନାହିଁ। ଅନ୍ୟ ରାଜ୍ୟଗୁଡ଼ିକରେ ଥଇଥାନ ହୋଇଥିବା ବଙ୍ଗାଳି ସମ୍ପ୍ରଦାୟର ଲୋକେ ସାଧାରଣ ବର୍ଗଭାବେ ରହିଛନ୍ତି । କିନ୍ତୁ ଏହି ଅଞ୍ଚଳରେ ବଙ୍ଗାଳି ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜାତିର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ସେମାନଙ୍କଠାରୁ ଅନୁସୂଚିତ ଜାତି ସଂରକ୍ଷଣକୁ ଉଚ୍ଛେଦକରି ଅନ୍ୟ ରାଜ୍ୟ ଭଳି ସାଧାରଣ ବର୍ଗ ଭାବେ ଗ୍ରହଣ କରିବାକୁ ଦାବି କରାଯାଇଛି।

# ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟି ନେଲେ ଦୁର୍ବୃତ୍ତ

ଝରିଗାଁ,୨୭।୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଚକଲାପଦର ପଞ୍ଚାୟତ ଅଧୀନ ପୋଡ଼ପାଣି ଗ୍ରାମର ୨ଟି ଘରେ ପଶି ଘର ଲୋକଙ୍କୁ ବନ୍ଧୁକ ଦେଖାଇ କେତେଜଣ ଦୁର୍ବୃତ୍ତ ଟଙ୍କା ଓ ସୁନା ଗହଣା ଲୁଟ କରିଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ୨ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସୂଚନାନୁଯାୟୀ, ଗାଁର ଅଭି ସନ୍ତା ତାଙ୍କ ସ୍ତ୍ରୀ ଓ ପୁଅଙ୍କ ସହ ଶୁକ୍ରବାର ଖାଇ ସାରି ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ପ୍ରାୟ ୧୦ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଅଭିଙ୍କ ଘର କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ସେମାନେ ହିନ୍ଦୀ ଭାଷାରେ କଥା ହେଉଥିବା ବେଳେ ଅଭିଙ୍କ ପରିବାର ଲୋକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ ଥିବା ୪୮ ହଜାର ଟଙ୍କା ସହ ସୁନାଗହଣା ଓ ମୋବାଇଲ ଫୋନ୍ ନେଇ ଘରର ଆଗପଟୁ କବାଟ ବନ୍ଦ କରି ପଳାଇଥିଲେ। ଏହାପରେ ଗାଁର ସୋମନାଥ ବିଷୋୟୀଙ୍କ ଘର କବାଟ ଭାଙ୍ଗି ଭିତରେ ପଶିବା ସହ ତାଙ୍କ ସ୍ତ୍ରୀ ରୀତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ତାଙ୍କ ଘରୁ ମଧ୍ୟ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ମୋବାଇଲ ଫୋନ୍ ନେଇ ପଳାଇଥିଲେ। ଅଭି ଓ ସୋମନାଥ ଝରିଗାଁ ଥାନରେ ଅଭିଯୋଗ କରିଥିଲେ। ଚନ୍ଦାହାଣ୍ଡି ଆଇଆଇସି ପ୍ରଶାନ୍ତ କୁମାର କଳହରସ, ଏସ୍ଆଇ ଖଗେଶ୍ୱର ଖୋସଲା, ଝରିଗାଁ ଥାନା ପକ୍ଷରୁ ଏଏସ୍ଆଇ କେଦାରନାଥ ରାଉତ ଏବଂ ମହେଶ ପଟ୍ଟନାୟକ ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।



ଏସ୍‌ପି ରୋହିତ ବର୍ମା ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଆତ୍ମସମୀକ୍ଷା, ସଂକଳ୍ପର ଦିବସ ହେଉ

ନବରଙ୍ଗପୁର,୨୭।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ୍, ପ୍ରଭାତଫେରି, ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଜିଲାପାଳ ଡ. କମଲଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ନବରଙ୍ଗପୁର ଜିଲା ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି। ଜିଲାର ଅନେକ ସଂଗ୍ରାମୀ ଦେଶମାତୃକାର ସେବାରେ ନିଜର ତ୍ୟାଗ ଓ ବଳିଦାନ ଦେଇଛନ୍ତି। ସେମାନେ ଚିରସ୍ମରଣୀୟ, ନମସ୍ୟ ବୋଲି ମୁଖ୍ୟ ଅତିଥି କହିଥିଲେ। ସରକାରଙ୍କ ୫-ଟି ରୂପାନ୍ତରଣ ପ୍ରକ୍ରିୟାରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପର୍ଯ୍ୟଟନ ଆଦିର ବିକାଶ ହେଉଛି। ଏହାର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ସାଧାରଣତନ୍ତ୍ର ଦିବସ ଆତ୍ମସମୀକ୍ଷା ଓ ସଂକଳ୍ପର ଦିବସ ହେଉ ବୋଲି ଜିଲାପାଳ କହିଥିଲେ।

୨୩ଦଳ ପରେଡ୍ ଓ ୧୪ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପରେଡ୍‌ରେ ଗ୍ରୁପ୍ (ଏ) ଏନ୍‌ସିସିରେ ନବରଙ୍ଗପୁର କଲେଜ, ଟେକ୍ନୋ ଗୁରୁକୁଳ, ଗ୍ରୁପ୍ (ବି)ରେ ସ୍କାଉଟ୍ ରାଜା ଚୈତନ୍ୟ ଦେବ ହାଇସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଗ୍ରୁପ୍(ସି)ରେ ଥିଓଡର ପବ୍ଲିକ୍ ସ୍କୁଲ, ୟୁନିକ୍ ପବ୍ଲିକ୍ ସ୍କୁଲ, ଗ୍ରୁପ୍(ଡି)ରେ ପ୍ୟାରେଣ୍ଟ ପ୍ରାଇଡ୍ ପବ୍ଲିକ୍ ସ୍କୁଲ, ଟେକ୍ନୋ ଗୁରୁକୁଳ ପବ୍ଲିକ୍ ସ୍କୁଲକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଡା. ଦିଲୀପ ଦଳାଇ, ଫାର୍ମାସିଷ୍ଟ ଜଗନ୍ନାଥ ରଥ, ନର୍ସିଂ ଅଫିସର ବେଦମତି ପୂଝାରୀ, ଏଏନ୍ଏମ୍ ସ୍ମିତା ତ୍ରିପାଠୀ, ଆଶା କର୍ମୀ ହେମଲତା ଭତରା, କୃଷକ ସୁନାଧର ଜାନି, ନନ୍ଦାହାଣ୍ଡି ସିଡିପିଓ ସସ୍ମିତାବାଳା ମହାନ୍ତି, ଉମରକୋଟ ସୁପରଭାଇଜର ପ୍ରାଚୀ ବିଷ୍ଣୋଇଦେ, ରାଇଘର



ନବରଙ୍ଗପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲାପାଳ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ଅଙ୍ଗନୱାଡି କର୍ମୀ କାମିନୀ ମଣ୍ଡଳ, ଅଗ୍ନିଶମ ବିଭାଗର କମଳାକାନ୍ତ ଦାସ, ସୁନାଧର ଜାନି, ନବରଙ୍ଗପୁର ପୌରପାଳିକା ଶ୍ରେଷ୍ଠ ସଫେଇ କର୍ମଚାରୀ କସ୍ତୁରୀ ହରିଜନ, ଜିତେନ୍ଦ୍ର ହରିଜନଙ୍କୁ ସମ୍ମାନିତ କରାଯାଇଛି। ଏସ୍‌ପି ରୋହିତ ବର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ନବୀନ ଚନ୍ଦ୍ର ନାୟକ, ଡିଇଓ ପ୍ରଦୀପ ନାଗ, ଜିଲା ମୁଖ୍ୟ କୃଷି ଅଧିକାରୀ ଭେଙ୍କଟ ରେଡ୍ଡୀ, ଯଦୁମଣି ନାୟକ, ସି. ମିଶ୍ର, ଶିବାନୀ ଗୁହା, ଏଡିଏମ୍ଓ ଡ. ମଳୟ ତ୍ରିପାଠୀ, ଜିତେନ୍ଦ୍ର ଭୋଇ, ତହସିଲଦାର କୈଳାସ ତ୍ରିପାଠୀ, ସୁନୀଲ ଖରା, ଡିଏସ୍‌ପି ଡ. ଚନ୍ଦ୍ରଶେଖର ହୋତା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଯୋଗଦେଇଥିଲେ। ଆର୍. ଅଜୟ କୁମାର ଏକ୍କା ପରେଡ୍ ପରିଚାଳନା କରିଥିଲେ। ଚନ୍ଦାହାଣ୍ଡି ଉମ୍ବ ସମାଜ, ଡାବୁଗାଁ ଓ ପାପଡ଼ାହାଣ୍ଡିରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

